## ସଂକ୍ଷେପରେ

### ବିଷ ପିଇ ଜଣେ ମୃତ

**ବ୍ରହ୍ମପୁର ଅଫିସ୍,୭।୧:** କବିସୂର୍ଯ୍ୟନଗର ଥାନା ଗୁଡିଆଲି ନିକଟ ଖୋଲସାମନ୍ତରାପୁର ଗ୍ରାମର ଜଣେ ବ୍ୟକ୍ତି ୨ ତାରିଖରେ କୌଣସି କଥାକୁ ନେଇ ବିଷପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କବିସୂର୍ଯ୍ୟନଗର ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଧନୁର୍ଦ୍ଧର ଭୂୟାଁ (୬୦)। ସୋମବାର ଏ ନେଇ ବୈଦ୍ୟନାଥପୁର ଥାନାରେ ଅପମୃତ୍ୟୁ ମାମଲା (ନଂ.୧୦/୧୯) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ କହିଛନ୍ତି।

### ପ୍ରାକ୍ତନ ମେୟର ପିଣ୍ଟୁଙ୍କ ନାମରେ ପୁଣି ଏକ ମାମଲା

**ବ୍ରହ୍ମପୁର ଅଫିସ୍,୭।୧:** ବ୍ରହ୍ମପୁର ମହାନଗର ନିଗମର ପ୍ରାକ୍ତନ ମେୟର ଶିବଶଙ୍କର ଦାସ ଓରଫ୍ ପିଣ୍ଟୁଙ୍କ ବିରୋଧରେ ଆଉ ଏକ ଆଟ୍ରୋସିଟି ମାମଲା ସୋମବାର ଯୋଡି ହୋଇଛି। ୬ ମାସ ପୂର୍ବେ କନିଷି ଅଞ୍ଚଳର ବୃନ୍ଦା ଦାସ ନାମକ ଜଣେ ଦଳିତ ବ୍ୟକ୍ତିଙ୍କଠାରୁ ଜମି ହଡପ କରିବା ଅଭିଯୋଗ ନେଇ ବ୍ରହ୍ମପୁରସ୍ଥିତ ଏସଡିଜେଏମ କୋର୍ଟରେ ୱ୍ରାନ୍ସିସି ଦାଖଲ କରିଥିଲେ। ଉକ୍ତ ମାମଲାରେ କୋର୍ଟ ବ୍ରହ୍ମପୁର ଏସ୍ପି ପିନାକ ମିଶ୍ରଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶାନାମା ଅନୁଯାୟୀ ବ୍ରହ୍ମପୁର ଏସ୍ପି ଜଣେ ଡିଏସପି ର୍ୟାଙ୍କ୍ ଅଧିକାରୀ ସଦର ଏସଡିପିଓ ଅଶୋକ କୁମାର ମହାନ୍ତିଙ୍କୁ ତଦନ୍ତ କରିବାକୁ ସୁପାରିଶ୍ କରିଥିବା ଜଣାପଡିଛି। ଉକ୍ତ ମାମଲାର ବିଚାର ଆରମ୍ଭ କରିବା ପାଇଁ ଜାନୁୟାରୀ ୧୭ ତାରିଖରେ ଦିନ ଧାର୍ଯ୍ୟ କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଏକ ଜମି ହଡପ ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ୨୦୧୮ ଜାନୁୟାରୀ ୧୯ ତାରିଖରେ ପିଣ୍ଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କନିଷି ଅଞ୍ଚଳର ଅଭିଯୋଗକାରୀ ଅନନ୍ତ ଦାସ ଜଣେ ଦଳିତ ବ୍ୟକ୍ତି ହୋଇଥିବାରୁ ପିଣ୍ଟୁଙ୍କ ବିରୋଧରେ ଆଟ୍ରୋସିଟି ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ ପିଣ୍ଟୁ ହାଇକୋର୍ଟରୁ ଅନ୍ତରୀଣ ଜାମିନ ପାଇ ମୁକୁଳିବା ପରେ ୫ ତାରିଖରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ସେ ବର୍ତ୍ତମାନ ବ୍ରହ୍ମପୁରସ୍ଥିତ କେନ୍ଦ୍ରୀୟ ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି।

### ଅଲେଖ ଭକ୍ତ ସମାବେଶ

**ବ୍ରହ୍ମପୁର ଅଫିସ୍,୭।୧:** ଆମ୍ବପୁଆ ପଲ୍ଲୀଗୁମ୍ଫୁକା ମଧସ୍ଥିତ ଅଲେଖ ମହିମା ଜ୍ୟୋତିବିହାର ପୀଠରେ ଖୋଡାସିଙ୍ଗି ତଥା ଆଖପାଖ ଦଶଖଣ୍ଡର ଅଲେଖ ଧର୍ମ ଭକ୍ତମାନଙ୍କ ସମାବେଶ ଓ ଧର୍ମ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ କଳାମ୍ବର ଜୟୀରାମ ବାବା ଅଧକ୍ଷତା କରିଥିଲେ। ସାଧୁ ସାଧୁ ଚରଣ ଦାସ ଉପସ୍ଥିତ ରହି ଜଗତ କଲ୍ୟାଣ ସକାଶେ ଭଜନ କୀର୍ତ୍ତନ କରିଥିଲେ। ତିନିଶହରୁ ଉର୍ଦ୍ଧ୍ୱ ଭକ୍ତ ଉପସ୍ଥିତ ଥିଲେ। ଖୋଡାସିଙ୍ଗି ବିଶ୍ୱକେତନ ଜେନା ଆନୁକୂଲ୍ୟରେ ଆୟୋଜିତ ଧର୍ମ ସଭାର ସମସ୍ତ କାର୍ଯ୍ୟ ସଭାପତି ଶୁକଦେବ ପାତ୍ର, ସମ୍ପାଦକ ରବୀନ୍ଦ୍ର ନାଥ ଜେନା, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ପାତ୍ର, କୋଷାଧକ୍ଷ ଦେବରାଜ ନାହାକ ପରିଚାଳନା କରିଥିଲେ। ଭକ୍ତ ବାବୁଲା ନାହାକ, ନୟନ ସେଠୀ, ଲଡୁ ସେଠୀ, ବୁଲୁ ପାତ୍ର ପ୍ରସାଦ ସେବନରେ ସହଯୋଗ କରିଥିଲେ।

# ବଡ଼ ମେଡିକାଲରେ ଜିଲା ପ୍ରଶାସନର ଚଢ଼ାଉ

ବ୍ରହ୍ମପୁର ଅଫିସ,୭।୧

ବ୍ରହ୍ମପୁର ବଡ଼ ମେଡିକାଲ ପରିସରରେ ଥିବା ଔଷଧ ଦୋକାନ ଏବଂ ନିରାମୟ ଔଷଧ ବିତରଣ କେନ୍ଦ୍ରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଥିଲା। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ତତ୍ତ୍ୱାବଧାନରେ ଏଡିଏମଓ ପି.କୁର୍ମୈୟା ଓ ଭେଷଜ ନିରୀକ୍ଷକ ପ୍ରିୟରଞ୍ଜନ ନାୟକଙ୍କ ସମେତ ୫ ଜଣିଆ ଟିମ୍ ଏହି ଚଢାଉରେ ସାମିଲ ଥିଲେ। ସର୍ବସାଧାରଣଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣା ଔଷଧ, ଚିକିତ୍ସା ସେବା ଲୋକଙ୍କୁ କିଭଳି ମିଳୁଛି ଏସବୁର ଯାଞ୍ଚ କରାଯାଇଥିଲା। ମେଡିକାଲ କେନ୍ଦ୍ରୀୟ ଔଷଧ ଭଣ୍ଡାରରୁ ଔଷଧ ବିତରଣ କେନ୍ଦ୍ରକୁ ଠିକ୍ ଭାବେ ଔଷଧ ଯୋଗାଇ ଦିଆଯାଉଛି କି ନାହିଁ ତାହାର ଚିକିନିଖି ତନଖି କରାଯାଇଥିଲା। ବିଜୁ କୃଷକ କଲ୍ୟାଣ ସ୍ୱାସ୍ଥ୍ୟ ବୀମା ଯୋଜନାରେ କିଭଳି ସେବା ଯୋଗାଇ ଦିଆଯାଉଛି ତାହା ମଧ ଅନୁଧ୍ୟାନ କରାଯାଇଥିଲା। ବ୍ରହ୍ମପୁର ତହସିଲଦାର ଦୟାମୟ ପାଢୀଙ୍କ ନେତୃତ୍ୱରେ ବିଜୁ କୃଷକ କଲ୍ୟାଣ ଯୋଜନା ପ୍ରକୋଷ୍ଠରେ ସମସ୍ତ କାଗଜପତ୍ର ଓ ଚିକିତ୍ସା ପାଇଁ ଆସିଥିବା ଚାଷୀଙ୍କ କାର୍ଡ ଯାଞ୍ଚ ହୋଇଥିଲା। ଚଢାଉରେ କୁକୁଡାଖଣ୍ଡି ତହସିଲଦାର ସୁବାସ ଚନ୍ଦ୍ର ରଇତ, ସହକାରୀ ଜିଲାପାଳ ବିନୋଦ କୁମାର ବେହେରା, ବ୍ରହ୍ମପୁର ଅତିରିକ୍ତ ତହସିଲଦାର ଜ୍ଞାନଜିତ୍ ତ୍ରିପାଠୀ, ହସପିଟାଲ ମ୍ୟାନେଜର୍ ଅମିତାଭ ମହାନ୍ତି, କ୍ୱାଲିଟି ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।


ଚଢାଉ ପାଇଁ ଆସିଥିବା ଅଧିକାରୀମାନେ।

# ଅନ୍‌ଲାଇନ ଔଷଧ ବିକ୍ରିକୁ ଜିପିସିଡିଏର ବିରୋଧ

ବ୍ରହ୍ମପୁର ଅଫିସ,୭।୧

କେନ୍ଦ୍ର ସରକାରଙ୍କ ଅନ୍‌ଲାଇନ ଔଷଧ ବିକ୍ରି ନିଷ୍ପତ୍ତିକୁ ଗଞ୍ଜାମ ଓ ଫୁଲବାଣୀ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ୍ (ଜିପିସିଡିଏ) ବିରୋଧ କରିଛି। ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଂଘ ଆହ୍ୱାନରେ ମଙ୍ଗଳବାର ବ୍ରହ୍ମପୁର ସମେତ ଛତ୍ରପୁର ଓ ଭଞ୍ଜନଗରରେ ଔଷଧ ବ୍ୟବସାୟୀମାନେ ହଲାବୋଲ ଆନ୍ଦୋଳନ ସହ ବାଇକ୍ ରାଲି କରିବେ ବୋଲି ନିଷ୍ପତ୍ତି ନିଆଯାଇଥିବା ଜିପିସିଡିଏ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା ଓ ସମ୍ପାଦକ ପି. ସତ୍ୟ ନାରାୟଣ ସୂଚନା ଦେଇଛନ୍ତି। ବ୍ୟବସାୟୀମାନେ ସ୍ଥାନୀୟ ଉପଜିଲାପାଳଙ୍କ ଅଫିସ ଆଗରେ ଏକାଠି ହୋଇ ନାରାବାଜି କରିବେ। ଅନଲାଇନ ବିକ୍ରି ନିଷ୍ପତ୍ତି ପ୍ରତ୍ୟାହାର ଦାବି ନେଇ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ତେବେ ଔଷଧ ଦୋକାନଗୁଡ଼ିକ ଖୋଲା ରହିବ ବୋଲି ସଭାପତି ଓ ସମ୍ପାଦକ ସ୍ପଷ୍ଟ କରିଛନ୍ତି। ଉଭୟେ କହିଛନ୍ତି, କେନ୍ଦ୍ର ନିଷ୍ପତ୍ତି ବିରୋଧରେ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟର ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରାଯାଇଛି। କେତେକ ରାଜ୍ୟରେ ଅନଲାଇନ ନିଷ୍ପତ୍ତି ବାତିଲ କରାଯାଇଛି। ତେଣୁ ଓଡ଼ିଶାରେ ମଧ ଅନଲାଇନ ଔଷଧ ବିକ୍ରି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଜିପିସିଡିଏ ଦାବି କରିଛି। ଅନ୍ୟପକ୍ଷରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଏବଂ ବିଜେଡି ସମେତ ବିଭିନ୍ନ ରାଜନୈତିକ ଦଳର ସମର୍ଥନରେ ମଙ୍ଗଳବାରଠାରୁ ଦେଶବ୍ୟାପୀ ଦୁଇଦିନିଆ ଧର୍ମଘଟ ଡ଼ାକରା ଦିଆଯାଇଛି। ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଯାନବାହନ ଚଳାଚଳ ବନ୍ଦ ଏବଂ ଆନ୍ଦୋଳନକାରୀମାନେ ବ୍ରହ୍ମପୁରରେ ରୋଳରୋକୋ କରିବେ ବୋଲି ଆଗୁଆ ଘୋଷଣା କରିଛନ୍ତି।

## ସିନିୟର୍ ସିଟିଜେନ୍ ଫୋରମ୍‌ର ବନ୍ଧୁମିଳନ

ବ୍ରହ୍ମପୁର ଅଫିସ୍,୭।୧

ଗଞ୍ଜାମ ଜିଲା ବିଜୁ ପଟ୍ଟନାୟକ ସିନିୟର ସିଟିଜେନ ଫୋରମର ବନ୍ଧୁମିଳନ ମା' ମହୁରୀ କାଲୁଆଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭେଷଜ ଚିକିତ୍ସକ ଡା. ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ରବି ରଥ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର, ଏସଏମଆଇଟି ସଭାପତି ଡ଼. ଭଗବାନ ଗନ୍ତାୟତ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ମଙ୍ଗଳ କାମନା କରିଥିଲେ। ଫୋରମର ସଭାପତି ରାସ ବିହାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ବିବରଣୀ ପାଠ କରିଥିଲେ। ଉପସଭାପତି ପ୍ରଭାକର ସାହୁ, କୋଷାଧ୍ୟକ୍ଷ ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ରବୀନ୍ଦ୍ର କୁମାର ମହାରଣା, ସୂର୍ଯ୍ୟକାନ୍ତ ପାତ୍ର, ଡ଼. ଇନ୍ଦୁଭୂଷଣ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ମହାରଣା, ଡ଼ା. ଜେ ରାମାରାଓ, କପିଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜାନୁୟାରୀରେ ଜନ୍ମିତ ବରିଷ୍ଠ ନାଗରିକମାନଙ୍କୁ ଉପଢ଼ୌକନ, ଫୁଲତୋଡ଼ା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକମାନେ ସପରିବାର ଏଥିରେ ଯୋଗ ଦେଇଥିଲେ।

# ଆଇନ ସହାୟତା ଶିବିର, ଶ୍ରମିକ କାର୍ଡ ବଣ୍ଟନ



ପ୍ରାଧିକରଣ ସଚିବ ଶ୍ରମିକ କାର୍ଡ ପ୍ରଦାନ କରୁଛନ୍ତି।

ବ୍ରହ୍ମପୁର ଅଫିସ୍,୭।୧

ଜିଲା ଆଇନ ସେବା ପ୍ରାଧିକରଣ କମିଟି (ଡିଏଲଏସଏ) ଦ୍ୱାରା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ଅନୁମତିକ୍ରମେ ରଙ୍ଗେଇଲୁଣ୍ଡା ବ୍ଲକ ଚିକରଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଆଇନ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ମୁଖ୍ୟ ଅତିଥି, ବିଡିଓ କୁମାର ନାଗଭୂଷଣ, ଗ୍ରାମୀଣ ଶ୍ରମ ନିରୀକ୍ଷକ ଶୁଭଲକ୍ଷ୍ମୀ ବେହେରା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଜତା ପଟ୍ଟନାୟକ, ସରପଞ୍ଚ ମମତା ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅସହାୟ ଲୋକଙ୍କ ପାଇଁ ରହିଥିବା ମୁକ୍ତ ଆଇନ ସେବା ଏବଂ ପ୍ରାଧିକରଣ କମିଟିର ଭୂମିକା ସମ୍ପର୍କରେ ଉପସ୍ଥିତ ଶିବିରାର୍ଥୀଙ୍କୁ ବୁଝାଯାଇଥିଲା। ଏହି ଅବସରରେ ୧୪୬ ଜଣ ଅଣସଂଗଠିତ ଶ୍ରମିକଙ୍କୁ ପଞ୍ଜିକୃତ ଶ୍ରମ ପରିଚୟ ପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପ୍ରାଧିକରଣ ପକ୍ଷରୁ ୧୨ ଜଣ ମୃତକଙ୍କ ପରିବାର ବର୍ଗଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସାମିଲ କରିବା ପାଇଁ ବିଡିଓଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

# ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟଯାତ୍ରା

ବ୍ରହ୍ମପୁର ଅଫିସ୍,୭।୧

ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ବ୍ରହ୍ମପୁର ସିଟି ହସ୍ପିଟାଲ ସମ୍ମୁଖରେ ୭୬ତମ ଘଣ୍ଟପିଟା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଂଯୋଜକ ଅବନୀ ଗୟାଙ୍କ ନେତୃତ୍ୱରେ ବହୁ ବୁଦ୍ଧିଜୀବୀ ଏଥିରେ ସାମିଲ ହୋଇ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଡିଏମଓ ଡାକ୍ତର ସଦାନନ୍ଦ ମିଶ୍ରଙ୍କୁ ପ୍ରଦାନ କରିଥିଲେ। ଘରୋଇ ହସପିଟାଲ ଓ କ୍ଲିନିକ୍‌କୁ ରୋଗୀ ପଠାଯାଉଥିବା, ନିରାମୟ ଔଷଧ ସମ୍ପର୍କରେ ଭ୍ରାନ୍ତ ଧାରଣା ସୃଷ୍ଟି କରାଯାଉଥିବା ଓ ଘରୋଇ ପରୀକ୍ଷା କେନ୍ଦ୍ରକୁ ରୋଗୀଙ୍କୁ ପଠାଇ ନିଦାନ ଯୋଜନା ବାଟବଣା କରୁଥିବା ଅସ୍ଥିଶଲ୍ୟ ବିଭାଗରେ କାର୍ଯ୍ୟରତ ୨ ଡାକ୍ତରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ତେବେ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମଓ ମିଶ୍ର ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି। ଆନ୍ଦୋଳନରେ ସୁରେନ୍ଦ୍ରନାଥ ପଣ୍ଡା, ବଂଶୀଧର ଭୂୟାଁ, ରାଜେନ୍ଦ୍ର ଦଳବେହେରା, ଶ୍ୟାମ ସୁନ୍ଦର ଖାଡଙ୍ଗାଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ bmpselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର


ଶ୍ରୀକାନ୍ତ



ଟୁନା


ସୁମନ୍

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

### ବାଇକ୍‌କୁ ଧକ୍କା ଦେଲା ବିଏମ୍‌ସି ଟ୍ରକ୍

# ମାଈଁ ମୃତ, ଭଣଜା ଆହତ

ବ୍ରହ୍ମପୁର ଅଫିସ୍,୭।୧

ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ନିକଟରେ ସୋମବାର ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ଅଳିଆ ବୋଝେଇ ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା ମାଈଁଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଭଣଜା ଆହତ ହୋଇଛନ୍ତି। ମୃତ ମାଈଁ ହେଲେ ଚମାଖଣ୍ଡି ଥାନା ମାଟିଖୋଲ ଗ୍ରାମର ତମାଳ ବେହେରା (୫୪)। ଆହତ ଭଣଜା କାଳିଆବାଲି ଗ୍ରାମର ବସନ୍ତ ବେହେରା (୩୮) ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଟ୍ରାଫିକ୍ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ସୋମବାର ସକାଳେ ବସନ୍ତ ସିଟି ହସ୍ପିଟାଲରେ ତାଙ୍କ ମାଈଁ ତମାଳଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଜ ବାଇକ୍ (ନଂ.ଓଡି୦୭ ୬୭୩୯)ରେ ଫେରୁଥିଲେ। ନୂଆବସଷ୍ଟାଣ୍ଡ ନିକଟରେ ବିଏମସିର ଅଳିଆ ବୋଝେଇ ଟ୍ରକ୍ (ନଂ.ଓଆର୦୭ଟି୧୨୯୬) ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତମାଳଙ୍କ ମୃତ୍ୟୁ ଘଟିଥିବା ବେଳେ ବସନ୍ତ ଆହତ ହୋଇଥିଲେ। ବେପରୁଆ ଗାଡ଼ି ଚାଳନାରୁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ହୋହଲ୍ଲା କରିଥିଲେ। ଟ୍ରାଫିକ୍ ଥାନା ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ବ୍ରହ୍ମପୁର ବଡ ମେଡିକାଲରେ ତମାଳଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ.୨/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ସୁମନ୍ତ କିଶାନ୍ ସୂଚନା ଦେଇଛନ୍ତି।



ଦୁର୍ଘଟଣା ଘଟାଇଥିବା ବିଏମସିର ଗାଡ଼ି।

### ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବଲ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

# ବିଜୟୱାଡା ଗସ୍ତ କରିବ ୧୦ ଜଣିଆ ଦଳ

ବ୍ରହ୍ମପୁର ଅଫିସ,୭।୧

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବଲ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ବିଜୟୱାଡା ଏସଡିଏମ ସିଦ୍ଧାର୍ଥ ମହିଳା କଳାଶାଳାଠାରେ ଆସନ୍ତା ୯ ତାରିଖରୁ ଆରମ୍ଭ ହେବ। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଦଳ ଘୋଷଣା ହୋଇଛି। ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ମନୋନୀତ ୧୦ ଜଣିଆ ଦଳ ମଙ୍ଗଳବାର ବିଜୟୱାଡା ଗସ୍ତ କରିବେ। ମ୍ୟାନେଜର ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗର ଫିଜିକାଲ ଏଜୁକେଶନ ଅଫିସର ରବି ଚରଣ ମିଶ୍ର ଏବଂ କୋଚ ଭାବେ ରାୟଗଡା ମହିଳା ମହାବିଦ୍ୟାଳୟର ପିଇଟି ରୀତାରାଣୀ ମିଶ୍ର ଦଳ ସହ ଗସ୍ତ କରିବେ। କ୍ରୀଡା ପରିଷଦର ସମ୍ପାଦକ ଡ. ପ୍ରସନ୍ନ କୁମାର ଦୀକ୍ଷିତ, ସହ ସମ୍ପାଦକ ରାଜେଶ ମହାନ୍ତି, ପୂର୍ବତନ କ୍ରୀଡା ପରିଷଦ ସମ୍ପାଦକ ପ୍ରଫେସର ସୁବାସ ଚନ୍ଦ୍ର ପରିଡାଙ୍କ ସମେତ ଏସ. କ୍ରୀଷ୍ଣା ରେଡ୍ଡୀ, ରାଜ କିଶୋର ମହାପାତ୍ର, ସଚ୍ଚିଦା ନନ୍ଦ ଦାଶ, ଜେ. କାମେଶ୍ୱର ରାଓ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ମହିଳା ଦଳ ସହ କ୍ରୀଡା ପରିଷଦର କର୍ମକର୍ତ୍ତା।

# ଗଡ଼ିଲା ଭୋଟର ସଚେତନତା ରଥ

ବ୍ରହ୍ମପୁର ଅଫିସ୍,୭।୧

ଆଉ କିଛି ମାସ ପରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ହେବ। ଏଥିପାଇଁ ତତ୍ପର ହୋଇଛି ଗଞ୍ଜାମ ଜିଲା ପ୍ରଶାସନ। ଭୋଟର ତାଲିକା ପ୍ରସ୍ତୁତି ଏବଂ ବ୍ୟାପକ ସଚେତନତାକୁ ଗୁରୁତ୍ୱ ଦିଆଯାଉଛି। ଆସନ୍ତା ନିର୍ବାଚନରେ ପ୍ରଥମ ଥର ପାଇଁ ଭିଭିପାଟ୍ ମେଶିନ୍ ବ୍ୟବହାର ହେବ। ଏ ସମ୍ପର୍କରେ ଭୋଟର୍‌ଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନିଆଯାଉଛି। ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୋମବାର ଭୋଟର୍ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଉପଜିଲାପାଳ ଦିଗନ୍ତ ରାଉତରାୟ ପତାକା ଦେଖାଇ ରଥକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର୍ ସୌରିନ୍ଦ୍ର ରାଉତରାୟ, ବ୍ରହ୍ମପୁର ତହସିଲଦାର୍ ଦୟାମୟ ପାଢ଼ୀ, ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣଙ୍କ ସମେତ ନିର୍ବାଚନ କାର୍ଯ୍ୟାଳୟ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

ବ୍ରହ୍ମପୁର ଉପଖଣ୍ଡରେ ଥିବା ୫ ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ବ୍ରହ୍ମପୁର, ଗୋପାଳପୁର, ଦିଗପହଣ୍ଡି, ଚିକିଟି ଏବଂ ସାନଖେମୁଣ୍ଡିରେ ମୋଟ ୧,୧୨୬ଟି ପୁଲିଂ ବୁଥ୍ ରହିଛି। ଫେବୃୟାରୀ ୭ ତାରିଖ ପର୍ଯ୍ୟନ୍ତ ଏହି ରଥ ବୁଥ୍ ସ୍ତରରେ ବୁଲି ଭୋଟର୍‌ଙ୍କୁ ସଚେତନ କରିବ। ପ୍ରତ୍ୟେକ ବୁଥ୍‌ରେ ଭୋଟଦାନ କକ୍ଷ ରହିବ। ୫୦ ଭୋଟର୍ ଭୋଟଦାନ କରିବେ। ଭିଭିପାଟ୍ ମେଶିନ୍ ବିଷୟରେ ସଚେତନ ହେବେ। ମେଶିନ ସମ୍ପର୍କିତ ଭୋଟର୍‌ମାନଙ୍କ ଦ୍ୱନ୍ଦ୍ୱ ଦୂର କରାଯିବ। ବ୍ରହ୍ମପୁର ଉପଖଣ୍ଡରେ ୭ଟି ସ୍ୱତନ୍ତ୍ର ଦଳ ଏହି କାର୍ଯ୍ୟକ୍ରମରେ ନିୟୋଜିତ ଅଛନ୍ତି। ଏଥିସହ ବ୍ଲକ ସ୍ତରରେ ମଧ୍ୟ ଅଧିକାରୀଙ୍କୁ ନେଇ ବିଭିନ୍ନ ଦଳ ଗଠନ କରାଯାଇଛି।


ସଚେତନତା ରଥକୁ ଉପଜିଲାପାଳ ଦିଗନ୍ତ ରାଉତରାୟ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ, ୩ ଆହତ

ଛତ୍ରପୁର,୭।୧୨(ଡି.ଏନ.ଏ.) - ଚମାଖଣ୍ଡି ଥାନା ଅଧୀନ କେରାଣ୍ଡିତୋଳା ଗାଁ ନିକଟ ମୁଖ୍ୟ ରାସ୍ତାରେ ସୋମବାର ୨ ବାଇକ ମୁହାମୁହିଁ ଧକ୍କା ହେବା ଫଳରେ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ପାଣ୍ଡିଆ ଗାଁର ବିଶ୍ୱ ମୋହନ ପାଢୀ, ଜେମାଦେଇପୁର ଶାସନଗାଁର ଦେବାଶିଷ ଭଞ୍ଜମିଶ୍ର ଏବଂ କବିସୂର୍ଯ୍ୟନଗରର ବିଭୂତି ଭୂଷଣ ଜେନା। ଆହତମାନଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ଅପରପକ୍ଷରେ ଦୁର୍ଘଟଣାସ୍ଥଳରେ ପୋଲିସ ଓ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ଯୋଗୁ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଫଳରେ ବହୁ ଯାନବାହନ ଅଟକି ରହିଥିଲା। ପରେ ଚମାଖଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଆହତ ମାନଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ବଡ ମେଡିକାଲକୁ ନେବା ବ୍ୟବସ୍ଥା କରିଥିଲେ। ଏହାପରେ ଅବରୋଧ ହଟିଥିଲା।

### କୁକୁର କାମୁଡ଼ାରେ ୩ ଗୁରୁତର

**ପାତ୍ରପୁର,୭।୧(ଡ଼ି.ଏନ୍.ଏ.):** ପାତ୍ରପୁରରେ ସୋମବାର କୁକୁର କାମୁଡ଼ାରେ ୩ ଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ ଚୁଡ଼ିଆଲାଞ୍ଜି ଗ୍ରାମର ଆଶାକର୍ମୀ ମୁଳା ସାହୁନ୍, ପାତ୍ରପୁର ଗ୍ରାମର ସଦାନନ୍ଦ ପାଣିଗ୍ରହୀ ଏବଂ ସୁରଙ୍ଗି ଗ୍ରାରମ ସନ୍ତୋଷ ପାଣିଗ୍ରାହୀ । ଗୁରୁତରମାନେ କୌଣସି କାମରେ ପାତ୍ରପୁର ଆସିଥିଲେ, ସେଠାରେ ହଠାତ ଦଳେ କୁକୁର ଆସି ସେମାନଙ୍କୁ କାମୁଡ଼ି ଦେଇଥିଲେ। ସଙ୍ଗେ ସଙ୍ଗେ ସେମାନଙ୍କର ପାତ୍ରପୁର ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା କରାଯାଇଛି ।

### ମଦ ଜବତ, ଜଣେ ଗିରଫ

**ଗୋପାଳପୁର,୭।୧:** ଗୋପାଳପୁର ଥାନା ପୋଲିସ ସୋମବାର ମାଣ୍ଡିଆପଲ୍ଲୀ ଗ୍ରାମରେ ଚଢ଼ାଉ କରି ଚୋରା ମଦ ବିକ୍ରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏସ. ଶିବା ରେଡ୍ଡୀ। ତାଙ୍କଠାରୁ ୩୩୨ଟି ମଦ ପ୍ୟାକେଟ ଜବତ ହୋଇଛି।

### ତହସିଲଦାରଙ୍କ ବିଭିନ୍ନ ଜନସେବା କେନ୍ଦ୍ର ଯାଞ୍ଚ



**ଦାରିଙ୍ଗବାଡି,୭।୧(ଡି.ଏନ.ଏ):** ଦାରିଙ୍ଗବାଡି ବ୍ଲକ ସିମନବାଡି ସମେତ ବିଭିନ୍ନ ସ୍ଥାନରେ ସୋମବାର ଅପରାହ୍ନରେ ଦାରିଙ୍ଗବାଡି ତହସିଲଦାର ନୀତିଶ ତ୍ରିପାଠୀ ଜନସେବା କେନ୍ଦ୍ରରେ ପହଞ୍ଚି ଯାଞ୍ଚ କରିଛନ୍ତି। ଜାତିଗତ ପ୍ରମାଣପତ୍ର ସମେତ ସ୍ଥାୟୀ ବାସିନ୍ଦା ଏବଂ ବାର୍ଷିକ ଆୟ ପ୍ରମାଣପତ୍ର କିଭଳି ଲୋକଙ୍କୁ ଏହି ସେବାକେନ୍ଦ୍ର ପକ୍ଷରୁ ଯୋଗାଇ ଦିଆଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ପ୍ରମାଣପତ୍ର ପାଇଁ ଉପଭୋକ୍ତାଙ୍କ ଠାରୁ ନିର୍ଦ୍ଧାରିତ ଦର ନିଆଯାଉଛି ନା ଅଧିକ ଦର ନିଆଯାଉଛି ଲୋକଙ୍କୁ ପଚାରି ବୁଝିଥିଲେ। ତହସିଲଦାରଙ୍କ ସହ ସିମନବାଡି ଆର୍‌ଆଇ ବିଚିତ୍ର ମଲ୍ଲିକ, ବୁଡାଗୁଡା ଆର୍‌ଆଇ କେଦାର ପ୍ରସାଦ ସାହୁ, ଗଦାପୁର ଆର୍‌ଆଇ ଜିତେନ୍ଦ୍ର ସାହୁ ପ୍ରମୁଖ ଯାଞ୍ଚରେ ସାମିଲ ହୋଇଥିଲେ। ଏଥିରେ ଜନସେବାକେନ୍ଦ୍ରର କର୍ମଚାରୀ ତହସିଲଦାର ତ୍ରିପାଠୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

### ଜବାବ ମାଗେ ଓଡିଶା ରଥ ପରିକ୍ରମା

**ଆସିକା,୭।୧(ଡି.ଏନ୍.ଏ.):** ଭାଜପା ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ପରିକ୍ରମା ଲାଗି ଏଲ୍.ସି.ଡି. ଯୁକ୍ତ ଜବାବ ମାଗୁଛି ଓଡିଶା କାର୍ଯ୍ୟକ୍ରମରେ ଆସିଥିବା ରଥ ପରିକ୍ରମାକୁ ସୋମବାର ମଧ୍ୟାହ୍ନରେ ଆସିକାସ୍ଥିତ ଖମ୍ବେଶ୍ୱରୀ ମନ୍ଦିରଠାରେ ଶୁଭାରମ୍ଭ କରାଯାଇଛି। ଘୁମୁସର ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଶ୍ରୀନିବାସ ଭଞ୍ଜ ପତାକା ଦେଖାଇ ରଥଯାତ୍ରାର ଶୁଭାରମ୍ଭ କରିଥିଲେ। ପୂର୍ବତନ ଜିଲା ସଭାପତି ଉମାଚରଣ ପ୍ରଧାନ, କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଦୀପ ପତ୍ରୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ୍ ଥିଲେ। ଏହି ରଥ ଘୁମୁସର ଜିଲା ଅନ୍ତର୍ଗତ ୮ ବିଧାନସଭା ନିର୍ବାଚନ ମଣ୍ଡଳିର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ବିଜେଡି ସରକାରଙ୍କ ଜନବିରୋଧୀ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରିବ ଏବଂ ଜନସାଧାରଣଙ୍କ ମତାମତ ସଂଗ୍ରହ କରି ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇବ।

## ସାଧାରଣ ନିର୍ବାଚନ ପ୍ରସ୍ତୁତି

# ଗଞ୍ଜାମରେ ଗଡ଼ିଲା ଭିଭିପାଟ୍ ସଚେତନତା ଗାଡ଼ି

**ଛତ୍ରପୁର,୭।୧(ଡି.ଏନ.ଏ.)**

ଆଗକୁ ସାଧାରଣ ନିର୍ବାଚନ। ଏନେଇ ଗଞ୍ଜାମ ଜିଲାରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାର ସୁପରିଚାଳନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରଥମଥର ପାଇଁ ଚଳିତ ନିର୍ବାଚନରେ ଭିଭିପାଟ୍‌ର ବ୍ୟବହାର କରାଯିବ। ଏନେଇ ଏହା ଉପରେ ସଚେତନତା କରିବାକୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୩ଟି ସଚେତନତା ଗାଡିକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ୩ଟି ଗାଡି ଛତ୍ରପୁର ବ୍ଲକର ୩ ପଞ୍ଚାୟତରେ ପହଞ୍ଚି ଲୋକମାନଙ୍କୁ ଡମିଭୋଟ ମାଧ୍ୟମରେ ସଚେତନତା କରାଉଛି। ଭିଭିପାଟର ବ୍ୟବହାର ନେଇ ସଚେତନତା କରିବା ନିମନ୍ତେ ଜିଲାରେ ୮୨ ଗାଡି ୨୨ ବ୍ଲକର ୫୦୩ ଗ୍ରାମ ପଞ୍ଚାୟତ ଓ ୪୨୩୭ ରାଜସ୍ୱ ଗ୍ରାମ ଏବଂ ୩୦୬୩ ବୁଥ ପରିକ୍ରମା କରିବ। ୮୧ ଦଳରେ ୪୦୫ କର୍ମଚାରୀ ମକ୍ ପୋଲରେ ସହାୟତା କରିବେ। ଜାନୁୟାରୀ ୭ରୁ ଫେବୃୟାରୀ ୧୫ ପର୍ଯ୍ୟନ୍ତ ଏହା ଜାରି



ଜିଲାପାଳ ଶୁଭାରମ୍ଭ କରୁଛନ୍ତି।

**ଶୁଭାରମ୍ଭ କଲେ ଜିଲାପାଳ**

ରହିବ। ଆମ ନିର୍ବାଚନ ସରଳ, ସହଜ ଓ ସୁଗମ ଏହାର ମୂଳ ଲକ୍ଷ୍ୟ ବୋଲି ଜିଲାପାଳ କୁଲାଙ୍ଗେ କହିଛନ୍ତି। ଭିଭିପାଟ୍ ଯୋଗୁ ଭୋଟର କାହାକୁ ଭୋଟ ଦେଲେ ଭୋଟର ଡିସପ୍ଲେରେ ଦେଖିପାରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ମେଶିନର ଡିସପ୍ଲେରେ ୭ ସେକେଣ୍ଡ ପାଇଁ ଭୋଟର ମତଦାନ କରିଥିବା ଚିହ୍ନକୁ ଦେଖିପାରିବେ। ଜିଲାରେ ହେବାକୁ ଥିବା ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ଜିଲାକୁ ୭ହଜାର ୨୪୨ ଇଭିଏମ୍ ଓ ୮ହଜାର ୨୧୮ ଭିଭିପାଟ୍ ଆସିଛି। ପ୍ରଥମ ଦିନରେ ଛତ୍ରପୁର ବ୍ଲକର ୨ ପଞ୍ଚାୟତ ଟାଙ୍ଗଣାପଲ୍ଲୀ ଓ ଲକ୍ଷ୍ମୀପୁରର ୫ ବୁଥ୍‌ରେ ଜନସାଧାରଣ ଭିଭିପାଟ ସମ୍ବନ୍ଧରେ ସଚେତନତା କରାଯିବା ସହ ମକ୍‌ପୋଲ କରାଯାଇଥିଲା। ଜିଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ରାଜ୍ୟ ଯୁଗ୍ମ ସିଇଓ ଶତ୍ରୁଘନ କର, ଅତିରିକ୍ତ ଜିଲାପାଳ କବିନ୍ଦ୍ର କୁମାର ସାହୁ, ନିର୍ବାଚନ ଅଧିକାରୀ ଡ. ବିଜୟାନନ୍ଦ ସେଠୀ, ଛତ୍ରପୁର ବିଡିଓ ସଚ୍ଚିଦାନନ୍ଦ ନାୟକ, ଏନ୍‌ଏସି ନିର୍ବାହି ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ତହସିଲଦାର ବିଜୟ କେତନ ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମଣ୍ଡିରେ ଧାନ ବିକ୍ରୟ ନେଇ ବୈଠକ

**ବୁଗୁଡ଼ା,୭।୧(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକରେ ଖୋଲାଯାଇଥିବା ମଣ୍ଡିରେ ଧାନ ବିକ୍ରୟ ସମସ୍ୟା ସମାଧାନ ପାଇଁ ଏକ ବୈଠକ ସୋମବାର ବୁଗୁଡ଼ା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁକାନ୍ତ ମାଝି, ତହସିଲଦାର ସଂଗ୍ରାମ କେଶରୀ ଜେନା, ଭଞ୍ଜନଗର ଏସିଏସ୍‌ଓ ଲିଙ୍ଗରାଜ ବେହେରା, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଦୀନବନ୍ଧୁ ଗୌଡ଼, ସ୍ଥାନୀୟ ଯୋଗାଣ ନିରୀକ୍ଷକ ଅନିତା ରାଉତରାୟ, ଏସ୍‌ଏଆର୍‌ସିଏସ୍ ଲକ୍ଷ୍ମୀ ନୃସିଂହ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବଳଦେବ କୃଷକ ସଂଘର ଦାବିପତ୍ରକୁ ଆଧାର କରି ମଣ୍ଡିରେ ଧାନ ବିକ୍ରୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ସ୍ଥାନୀୟ ବଳଦେବ କୃଷକ ସଂଘର ସଭାପତି ବିପିନ ବିହାରୀ ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ସାହୁ, ଚାଷୀ ନେତା ଅରୁଣ କୁମାର ସାହୁ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ। ଏଣିକି ଚାଷୀମାନେ ପ୍ରତ୍ୟେକ ମଣ୍ଡିରେ ଧାନ ଦେବେ, ଏଥିପାଇଁ ପ୍ରତ୍ୟେକ ସେବା ସମବାୟ ସମିତିରେ ଖୋଲା ଯାଇଥିବା ମଣ୍ଡିରେ ତାଲା ପଡ଼ିବ। ଚାଷୀମାନେ ଉନ୍ନତମାନର କୁଇଣ୍ଟାଲ ଧାନ ପିଛା ୧୭୫୦ ଟଙ୍କା ଲେଖାଏ ବିକ୍ରୟ ବାବଦକୁ ପାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିସହ ପ୍ରତ୍ୟେକ ପଞ୍ଚାୟତରେ ଅଧିକ ମଣ୍ଡି ଖୋଲିବାକୁ ଜିଲାପାଳଙ୍କୁ ଚିଠି ଲେଖିବାକୁ ବିଡିଓଙ୍କୁ ଚାଷୀମାନେ ନିବେଦନ କରିଥିଲେ। ଉନ୍ନତମାନର ଧାନ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ନ ଦେଲେ ପୁଣି ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ଡାକ କର୍ମଚାରୀଙ୍କ ବିକ୍ଷୋଭ

**ଆସିକା,୭।୧(ଡି.ଏନ୍.ଏ.)**

ଦେଶବ୍ୟାପୀ ଶ୍ରମିକ କର୍ମଚାରୀ ଧର୍ମଘଟରେ ଡାକ ବିଭାଗ କର୍ମଚାରୀମାନେ ସାମିଲ୍ ହୋଇଛନ୍ତି। ମଙ୍ଗଳବାର ଓ ବୁଧବାର ୨ଦିନ ଧରି ଧର୍ମଘଟ ହେବ। ସୋମବାର ମଧ୍ୟାହ୍ନଭୋଜନ ବିରତି ସମୟରେ କର୍ମଚାରୀଙ୍କ ପକ୍ଷରୁ ଆସିକା ମୁଖ୍ୟଡାକଘର ସମ୍ମୁଖରେ ଅଧଘଣ୍ଟା ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗ୍ରାମୀଣ ଡାକ ସେବକମାନଙ୍କ ପାଇଁ କମଲେସ ଚନ୍ଦ୍ର କମିଟିର ସୁପାରିଶ ଲାଗୁ କରିବା, ପୁରୁଣା ପେନସନ୍ ଆଇନ କାର୍ଯ୍ୟକାରୀ କରିବା, ସପ୍ତମ ବେତନ କମିସନର ସର୍ବନିମ୍ନ ଦରମାର ପୁର୍ନବିଚାର, ଫିଟ୍‌ମେଣ୍ଟ ଫର୍ମୁଲାର ପରିବର୍ତ୍ତନ, ଖାଲିପଡିଥିବା ପଦବୀ ପୂରଣ, ଡାକ ବିଭାଗରେ ସପ୍ତାହରେ ୫ଦିନ କାର୍ଯ୍ୟଦିବସ ପ୍ରଚଳନ ଆଦି ୨୧ ଦଫା ଦାବିନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆସିକା ଡିଭିଜନ୍ ଡାକ କର୍ମଚାରୀ ସଂଘର ଉପସଭାପତି ଉତ୍ତର କୁମାର ପରିଡା, ପି.ଥ୍ରୀ ସମ୍ପାଦକ ବସନ୍ତ କୁମାର ପାଠୀ, ପି.ଫୋର୍‌ସମ୍ପାଦକ ଅବନୀ କୁମାର ଭୂୟାଁ ଏବଂ ଅକ୍ଷୟ କୁମାର ବେହେରାଙ୍କ ସମେତ ବହୁ ଡାକ କର୍ମଚାରୀ ଏଥିରେ ସାମିଲ୍ ଥିଲେ।



ମୁଖ୍ୟ ଡାକଘର ସମ୍ମୁଖରେ କର୍ମଚାରୀଙ୍କ ବିକ୍ଷୋଭ।

### ଜିଲାସ୍ତରୀୟ ଜନରାଜ୍ୟ ଦିବସ ପାଳନ ପ୍ରସ୍ତୁତି ବୈଠକ

**ଛତ୍ରପୁର,୭।୧(ଡି.ଏନ.ଏ.)**

ଛତ୍ରପୁରଠାରେ ଆୟୋଜିତ ହେବାକୁ ଥିବା ଗଞ୍ଜାମ ଜିଲାସ୍ତରୀୟ ଜନରାଜ୍ୟ ଦିବସ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନରେ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ କବିନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ଏଥିରେ ସଂଯୋଜନା କରିଥିଲେ। ଉକ୍ତଦିନ ପୂର୍ବାହ୍ନରେ ସ୍ଥାନୀୟ ପୋଲିସ ପଡିଆରରେ ଜାତୀୟ ପତାକା ଉତ୍ତୋଳନ ସହ ପରେଡ୍ ଅନୁଷ୍ଠିତ ହେବ। ଅପରାହ୍ନରେ ଜିଲା ପ୍ରଶାସନ ଏକାଦଶ ଓ ପ୍ରେସ୍ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ବସି ରୂପରେଖ ପ୍ରସ୍ତୁତ କରାଯିବ। ଜନରାଜ୍ୟ ଦିବସ ପୂର୍ବରୁ ଜିଲାର ସମସ୍ତ କଲେଜଗୁଡ଼ିକରେ ଇଭିଏମ ଓ ଭିଭିପାଟ୍ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଥିଲା। ସମସ୍ତ ବ୍ୟାଙ୍କ, ସରକାରୀ ଅନୁଷ୍ଠାନଗୁଡ଼ିକରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଳାପକଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏହି ବୈଠକରେ ସରକାରୀ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜିବୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଅନ୍ତର୍ଦେଶୀୟ ଇଂଲିଶ ପ୍ରତିଯୋଗିତା

# ବେଗୁନିଆପଡ଼ାର ୫ ଛାତ୍ରୀ ପୁରସ୍କୃତ

**ବେଗୁନିଆପଡ଼ା, ୭।୧(ଡି.ଏନ.ଏ.)**

ହରିୟାଣାର ଗୁର୍‌ଗାଓଁ ଅନ୍ତର୍ଦେଶୀୟ ଇଂଲିଶ ପ୍ରତିଯୋଗିତାରେ ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୫ ଛାତ୍ରୀ ପୁରସ୍କୃତ ହୋଇଛନ୍ତି। ବିଜ୍ଞାନ ଲେପିଡ ଫାଉଣ୍ଡେଶନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ତୁଳସୀ ଗୌଡ଼, ଲକ୍ଷ୍ମୀପ୍ରିୟା ପରିଡ଼ା, ସନ୍ଧ୍ୟାରାଣୀ ନାୟକ, ସୋନାଲି ପ୍ରଧାନ, ମାମାଲି ସାମଲ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଅକ୍ଟୋବର ୨୦୧୮ରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ବିଦ୍ୟାଳୟର ସମ୍ପାଦକ ଟୁକୁନା ପ୍ରଧାନ ସମସ୍ତ ଗୁରୁମା, ଗୁରୁଜୀ ଓ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ପୁରସ୍କୃତ ଛାତ୍ରୀ।

# ବିନା ସେଫ୍ଟିରେ ଚାଲିଛି ଟାୱାର ନିର୍ମାଣ କାର୍ଯ୍ୟ

**ଗଞ୍ଜାମ,୭।୧(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ହୁମ୍ମା ପଞ୍ଚାୟତ ବୋରିଗାଁ ଓ କଳାଯମୁନା ଗ୍ରାମ ପୁରୁଷୋତ୍ତମପୁର ଯିବା ରାସ୍ତା ପାର୍ଶ୍ୱରେ ଜିଓ ମୋବାଇଲ ଟାୱାର ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିପାଇଁ କିଛି ନିୟୋଜିତ କରାଯାଇଥିବା ନାବାଳକମାନେ ୩୦ରୁ ୪୦ ଫୁଟ ଉପରେ ସୁରକ୍ଷା ବେଲ୍‌ଟ ନ ପିନ୍ଧି ବଡ଼ ବଡ଼ ଜିଆଇ ପାଇପଗୁଡ଼ିକୁ ସାଧାରଣ ରଶି ଦ୍ୱାରା ବିପଦସଙ୍କୁଳ ଭାବେ ଉଠାଇ କାମ କରୁଛନ୍ତି। ଏ ନେଇ ତହସିଲଦାର ଅବନୀ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ଘଟଣାସ୍ଥଳ ଅନୁଧାନ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ବର୍ତ୍ତମାନ ଏହି ଟାୱାର ନିର୍ମାଣ କାର୍ଯ୍ୟ ୨୦ ପ୍ରତିଶତ ହୋଇଥିବା ବେଳେ ବାକି କାମ ସମୟରେ ସେଫ୍ଟି ବେଲ୍‌ଟ ପିନ୍ଧି କାମ କରିବା ପାଇଁ ପ୍ରଶାସନ ପକ୍ଷରୁ ତାଗିଦ କଲେ ନିଶ୍ଚିତ ଏକ ଦୁର୍ଘଟଣାରୁ ନାବାଳକ ଶ୍ରମିକମାନେ ରକ୍ଷା ପାଇଯାଆନ୍ତେ ବୋଲି ସାଧାରଣରେ କୁହାଯାଇଛି।


ଟାୱାର ନିର୍ମାଣ କାର୍ଯ୍ୟଚାଲିଛି।

# କ୍ରିକେଟ ଟୁର୍ନାମେଣ୍ଟ: ବୁଢ଼ାମ୍ବ ବିଜୟୀ

**ଆସିକା,୭।୧(ଡି.ଏନ୍.ଏ.)**

ଆସିକା ବ୍ଲକ କେନ୍ଦୁପଦର ପଞ୍ଚାୟତ ଚାଟୁଳା ଗ୍ରାମରେ ଚାଲିଥିବା ବାବା ପାତାଳେଶ୍ୱର କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ଖେଳ ବୁଢାମ୍ବ ଦଳ ଓ ଜଗନ୍ନାଥପ୍ରସାଦ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୁଢାମ୍ବ ଦଳ ବିଜୟୀ ହୋଇଛି। ଟସ୍ ଜିଣି ବୁଢାମ୍ବ ଦଳ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ହରାଇ ୨୨୪ ରନ୍ କରିଥିଲେ। ଜବାବରେ ଜଗନ୍ନାଥପ୍ରସାଦ ୧୧.୪ ଓଭରରେ ୧୩୨ ରନ୍ କରି ଅଲ୍‌ଆଉଟ ହୋଇଥିଲେ। ବୁଢାମ୍ବ ଦଳର ମଣ୍ଟୁ ପ୍ରଧାନ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରାଜେଶ୍ ଜେନା, ବିମଳ ଖଟେଇ, ଲିଟୁ ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

ଦିଗପହଣ୍ଡି/ପାଟପୁର, ୭।୧(ଡି.ଏନ.ଏ.): ସାନଖେମୁଣ୍ଡି ବ୍ଲକ ପଦ୍ମପୁର ଗ୍ରାମର ନାରାୟଣ ପ୍ରଧାନ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ନାରାୟଣ ଘରେ ବିଦ୍ୟୁତ୍ ତାର ସଜାଉଥିବା ବେଳେ ଅସାବଧାନତା କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ନାରାୟଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

# ପୋଲିସର ଜନ ସମ୍ପର୍କ ଶିବିର

**ଫିରିଙ୍ଗିଆ,୭।୧**

ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ପୋଲିସ ପକ୍ଷରୁ ଏକ ଜନ ସମ୍ପର୍କ ଶିବିର ସୋମବାର ଗୋଚ୍ଛାପଡା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗ ଦେଇଥିବା ସ୍ଥାନୀୟ ଯୁବକ ଏବଂ ଜନ ସାଧାରଣଙ୍କୁ ପୋଲିସ କିପରି ଲୋକଙ୍କ ପାଇଁ କାମ କରୁଛି ଏବଂ ପୋଲିସ ସହ କିପରି ସୁସମ୍ପର୍କ ସ୍ଥାପନ କରି ପାରିବେ ସେନେଇ ଅବଗତ କରାଯାଇଥିଲା। ଏହି ଅବସରରେ କମ୍ବଳ, ବିଶୋଧିତ ମଶାରୀ, ଲାଇଟ, ଛତା, ଶାଢ଼ୀ, ଟାୱେଲ ଆଦି ଗରିବ ଲୋକଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ପିଲାମାନଙ୍କୁ ନୋଟ ବୁକ୍, ସ୍କୁଲ ବ୍ୟାଗ, ପେନ ଆଦି ଦିଆଯାଥିଲା। ଏହି ଅବସରରେ ଏକ ଭଲିବଲ ଟୁର୍ନାମେଣ୍ଟ ହୋଇଥିଲା। ମୋଟ ୭୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଏଥିରେ ଯୋଗ ଦେଇଥିଲେ।


ଶିବିରରେ ଉପସ୍ଥିତ ଜନସାଧାରଣ।

### ତିତ୍‌ଲି କ୍ଷତିଗ୍ରସ୍ତଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଆର.ଉଦୟଗିରି,୭।୧(ଡି.ଏନ.ଏ.)**

ଆର.ଉଦୟଗିରି ରାଜସ୍ୱ ଡାକ ବଙ୍ଗଳାରେ ତିତ୍‌ଲି କ୍ଷତିଗ୍ରସ୍ତଙ୍କ ଜୀବନ ଜୀବିକା ସ୍ୱାଭାବିକ କରିବାପାଇଁ ଦକ୍ଷତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହେନ୍ଦ୍ରଗଡ଼, ଶବରପଲ୍ଲି, ଆର.ଉଦୟଗିରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ରୋଜଗାରକ୍ଷମ କରିବାକୁ ସ୍ଥାନୀୟ ପ୍ରାଣୀ ଚିକିତ୍ସାକେନ୍ଦ୍ରର ଡ. ଗୌର ଶଙ୍କର ପ୍ରସାଦ ଶତପଥୀ ତାଲିମ ପ୍ରଦାନ କରିଥିଲେ। ମୋହନା ବିଧାୟିକା ବାସନ୍ତୀ ମଲିକ ମହିଳାଙ୍କୁ କୁକୁଡ଼ା ପାଳନ କଲେ କିପରି ଲାଭବାନ ହୋଇପାରିବେ ସେ ଉପରେ ବୁଝାଇଥିଲେ। ତିତ୍‌ଲିରେ ଗଜପତି ଜିଲାର ବ୍ୟାପକ ଧନଜୀବନ ନଷ୍ଟ ହେବା ସହ ପ୍ରାଣୀ ସମ୍ପଦ ମଧ୍ୟ ଅଧିକ ନଷ୍ଟ ହୋଇଥିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ପ୍ରଦାନ କରିଥିବା ବେଳେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟଙ୍କୁ କୁକୁଡ଼ା ଚିଆଁ ପ୍ରଦାନ କରିବା ପୂର୍ବରୁ ଏହି ଦକ୍ଷତା ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା।

## ଘୁମୁସର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

# ଭୁବନେଶ୍ୱରର ମୁରଲୀ ଯୋଡ଼ି ଚାମ୍ପିୟନ


ଚାମ୍ପିୟନ ଓ ରନର୍ସଅପ୍ ଯୋଡ଼ିଙ୍କ ସହ ଅତିଥିମାନେ।

**ଭଞ୍ଜନଗର,୭।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଭଞ୍ଜନଗର ଅଫିସର କ୍ଲବ ପରିସରରେ ଚାଲିଥିବା ୪ର୍ଥ ରାଜ୍ୟସ୍ତରୀୟ ଘୁମୁସର ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ମୁରଲି ଯୋଡି ସହ ଭୁବନେଶ୍ୱରର ଚିତ, ରଷି ଯୋଡି ମଧ୍ୟରେ ହୋଇଥିଲା। ମୁରଲି ଯୋଡି ୨-୧ ସେଟ୍‌ରେ ଚାମ୍ପିୟନ ହୋଇଥିଲେ। ଚାମ୍ପିୟନ ଯୋଡିକୁ ଟ୍ରଫି ସହ ୧୫ହଜାର ୧ଟଙ୍କା ଓ ରନର୍ସଅପ ଯୋଡିଙ୍କୁ ୧୦ହଜାର୧ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ପ୍ରଥମ ରନର୍ସଅପ୍ ବଲାଙ୍ଗିରର ମୁନା, ସୋରେନ ଦ୍ୱିତୀୟ ରନର୍ସଅପ୍ ଜୟପୁରର ତେଜ୍ ଓ ସିଧୁ ଯୋଡି ହୋଇଥିଲେ। ଭିଲାଇର ଲାଲା ଶ୍ରେଷ୍ଠ ଖେଳାଳୀ ହୋଇଥିବା ବେଳେ ଶୃଙ୍ଖଳିତ ଖେଳାଳୀ ସମ୍ବଲପୁର ଯୋଡିଙ୍କୁ ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ଭଞ୍ଜନଗର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ଏବଂ ଘୁମୁସର କଲେଜର ସଭାପତି ଅମରନାଥ ରଥ ଅତିଥିଭାବେ ଯୋଗଦେଇ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ସଭାପତି ରବି ରାଉତରାୟ, ସମ୍ପାଦକ ମାନସ ରାଉଳ, ଉପଦେଷ୍ଟା ଟୁନା ଦୋରା, ଇଶ୍ୱର ରାଓ ଆଚାରୀ, ଦୀପୁ, ସରୋଜ, କାଳିଆ, ଶିବ, ଗୁଟୁଲୁ, ବାବୁଲା ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

